# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 24 March - 2025

*********************************

## ମୁଖ୍ୟ ସମ୍ବାଦ

- ବାୟୁସେନାର ସ୍ୱତନ୍ତ୍ର ବିମାନରେ ରାଷ୍ଟ୍ରପତି ନୟାଗଡ଼ ଜିଲ୍ଲାର କଣ୍ଟିଲୋରେ ପହଁଞ୍ଚି ଯୋଗଦେଲେ ବିଭିନ୍ନ କାର୍ଯ୍ୟକ୍ରମରେ
- ବିଧାନସଭାରେ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ
- ଜଷ୍ଟିସ ହରିସ ଟଣ୍ଡନ ଆସନ୍ତା ବୁଧବାର ଦିନ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନେବେ ଶପଥ

ଏବଂ

- ଯକ୍ଷ୍ମାକୁ ମୂଳୋତ୍ପାଟନ କରିବା ଏବଂ ଏଥିପାଇଁ ପ୍ରତିଶ୍ରୁତିବଦ୍ଧ ହେବାର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଯକ୍ଷ୍ମା ଦିବସ

*Nayagada*

## ରାଷ୍ଟ୍ରପତି – ଓଡ଼ିଶା ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶା ଗସ୍ତରେ ଆସି ଅପରାହ୍ନରେ ନୟାଗଡ଼ ଜିଲ୍ଲା କଣ୍ଟିଲୋ ଗସ୍ତ କରିଛନ୍ତି। ବାୟୁସେନାର ସ୍ୱତନ୍ତ୍ର ବିମାନରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଭୁବନେଶ୍ୱର ବିମାନବନ୍ଦରରେ ପହଁଞ୍ଚିବା ପରେ କଣ୍ଟିଲୋ ଅଭିମୁଖେ ଯାତ୍ରା କରିଛନ୍ତି। ରାଷ୍ଟ୍ରପତିଙ୍କ ଗସ୍ତ ସମ୍ପର୍କରେ ଆମ ନୟାଗଡ଼ ପ୍ରତିନିଧି ବିଶ୍ୱନାଥ ପ୍ରତାପ ପଟ୍ଟନାୟକ ଅଧିକ ସୂଚନା ଦେଇ କହିଛନ୍ତି...

**- V/O -**

ରାଷ୍ଟ୍ରପତି ସନ୍ଧ୍ୟାରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରି ରାଜଭବନରେ ରାତ୍ରିଯାପନ କରିବେ ଏବଂ ଆସନ୍ତାକାଲି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟସୂଚୀ ରହିଛି।

*Assembly*

## ବିଧାନସଭା– ଇଣ୍ଟ୍ରୋ

ରାଜ୍ୟ ବିଧାନସଭାର ବଜେଟ୍ ଅଧିବେଶନ ଏକାଦଶ ଦିନରେ ବିରୋଧୀ ସଦସ୍ୟମାନଙ୍କର ହଟ୍ଟଗୋଳ ଯୋଗୁଁ ପୂର୍ବାହ୍ନର ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। କଂଗ୍ରେସ ଦଳର ସଦସ୍ୟମାନେ ମହିଳା ସୁରକ୍ଷା ପ୍ରସଙ୍ଗ ଏବଂ ବିଜେଡି ସଦସ୍ୟମାନେ ପଛୁଆବର୍ଗ ଓ ଶିକ୍ଷା ନିଯୁକ୍ତି କ୍ଷେତ୍ରରେ ୨୭ ପ୍ରତିଶତ ସଂରକ୍ଷଣ ଦାବିରେ ଗୃହରେ ହଟ୍ଟଗୋଳ କରିଥିଲେ। ଗୃହକାର୍ଯ୍ୟ ବାରମ୍ବାର ବାଧାପ୍ରାପ୍ତ ହେବାରୁ ବାଚସ୍ପତି ସୁରମା

ପାଢ଼ୀ ଗୃହକୁ ବାରମ୍ବାର ମୁଲତବୀ ରଖିଥିଲେ। ଗୃହ ଆରମ୍ଭ ହେବା ପରେ ମୁଖ୍ୟମନ୍ତ୍ରୀ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ପାଇଁ ଶୋକପ୍ରସ୍ତାବ ଆଗତ କରିଥିଲେ। ପ୍ରସ୍ତାବକୁ ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଓ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡ଼ାମ ସମର୍ଥନ କରିଥିଲେ। ଶୋକପ୍ରସ୍ତାବ ପାରିତ ହେବା ପରେ ବାଚସ୍ପତି ପ୍ରଶ୍ନକାଳ କାର୍ଯ୍ୟ ଆରମ୍ଭ କରିଥିଲେ। ହେଲେ ବିରୋଧୀ ସଦସ୍ୟମାନଙ୍କର ହଟ୍ଟଗୋଳ ଯୋଗୁଁ ଗୃହରେ ଅଚଳାବସ୍ଥା ଦେଖାଯାଇଥିଲା। ଗୃହର ଅଚଳାବସ୍ଥାକୁ ସୁଧାରିବା ପାଇଁ ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ଏକ ସର୍ବଦଳୀୟ ବୈଠକ ଡାକିଥିଲେ। କ୍ରମାଗତ ଭାବେ ଗୃହରେ ବିଶୃଙ୍ଖଳା ଲାଗି ରହିଥିବାରୁ ଗୃହକୁ ଉପ ବାଚସ୍ପତି ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି।

***BBSR/R***

## ବିଧାନସଭା- ଦୁର୍ନୀତି

ଦୁର୍ନୀତି ବିରୋଧରେ ରାଜ୍ୟ ସରକାର ଶୂନ୍ୟ ସହନଶୀଳତା ନୀତି ଜାରି ରଖିଛନ୍ତି। ଗତ ୫ ବର୍ଷ ମଧ୍ୟରେ ଦୁର୍ନୀତିରେ ସମ୍ପୃକ୍ତି କାରଣରୁ ୧୫୯ ଜଣ ସରକାରୀ ଅଧିକାରୀ ବହିଷ୍କୃତ ହୋଇଛନ୍ତି ବୋଲି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଦୁର୍ନୀତି ଓ ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୧୨୦ ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ଚାକିରିରୁ ବରଖାସ୍ତ କରାଯାଇଥିବାବେଳେ ୩୯ ଜଣ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ଏହି ସମୟସୀମା

ମଧ୍ୟରେ ଦୁର୍ନୀତିଗ୍ରସ୍ତ କର୍ମଚାରୀମାନଙ୍କ ଠାରୁ ପ୍ରାୟ ୫୯ କୋଟି ୪୮ ଲକ୍ଷ ଟଙ୍କା ଜବତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଗୃହରେ କହିଛନ୍ତି ।

***BBSR/R***

## ବିଧାନସଭା– ଚିଟଫଣ୍ଡ

ଚିଟ୍‌ଫଣ୍ଡ ଟଙ୍କା ଫେରସ୍ତ ନେଇ ନିର୍ଦ୍ଦେଶାବଳୀ ସରଳୀକରଣ କରାଯିବା ପରେ କ୍ଷତିଗ୍ରସ୍ତକାରୀ ଟଙ୍କା ଫେରିପାଇବେ ବୋଲି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାର ଟଙ୍କା ଫେରସ୍ତ ପ୍ରକ୍ରିୟାକୁ ସରଳୀକରଣ କରୁଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ୯୬ ହଜାର ୪୭୪ କ୍ଷତିଗ୍ରସ୍ତଙ୍କୁ ୪୫ କୋଟି ୯୫ ଲକ୍ଷ ଟଙ୍କା ଫେରସ୍ତ କରାଯାଇଛି । ଅବଶିଷ୍ଟ ଜମାକାରୀଙ୍କୁ ଟଙ୍କା ଫେରସ୍ତ ପାଇଁ ତ୍ୱରିତ ପଦକ୍ଷେପ ନିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***HS***

## ବିଧାନସଭା– ମାଓବାଦୀ ଜିଲ୍ଲା

ରାଜ୍ୟରେ ୧୦୦ ରୁ ୧୨୦ ମାଓବାଦୀ ସକ୍ରିୟ ଅଛନ୍ତି ବୋଲି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ  ଏକ ଲିଖିତ ପ୍ରଶ୍ନର ଉତ୍ତରରେ କହିଛନ୍ତି । ୨୦୧୮-୧୯ ବର୍ଷରେ ୧୫ଟି ଜିଲ୍ଲା ମାଓ ପ୍ରଭାବିତ ଥିବା ବେଳେ ବର୍ତ୍ତମାନ ୧୦ଟି ଜିଲ୍ଲା ମାଓବାଦୀ ପ୍ରଭାବିତ ଅଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

*Desk*

## ବିଧାନସଭା– ଇଣ୍ଟରନେଟ୍ ସେବା

ରାଜ୍ୟର ୭୬୪ଟି ଗ୍ରାମପଞ୍ଚାୟତରେ ଇଣ୍ଟରନେଟ୍ ସେବାର ସୁବିଧା ନାହିଁ ବୋଲି ବିଧାନସଭାରେ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି। ୧୬୭ଟି ବ୍ଲକର ୭୬୪ଟି ଗ୍ରାମପଞ୍ଚାୟତରେ ମୋବାଇଲ୍ ଟାୱାର ନାହିଁ। ସର୍ବାଧିକ କନ୍ଧମାଳ ଜିଲ୍ଲାର ୧୦୬ଟି ପଞ୍ଚାୟତରେ ଟାୱାର ନ ଥିବା ସୂଚନା ମିଳିଛି। କେନ୍ଦ୍ର ସରକାର ରାଜ୍ୟରେ ୪ ହଜାର ୨୭୭ଟି ଟାୱାର ସ୍ଥାପନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ସେଥିମଧ୍ୟରୁ ୨ ହଜାର ୮୫ଟି ଟାୱାର ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଅଛି। ଆସନ୍ତା ଜୁନ୍ ମାସ ସୁଦ୍ଧା ବଳକା ୨ ହଜାର ୧୯୨ଟି ଟାୱାର କାର୍ଯ୍ୟକ୍ଷମ ହେବ ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ବିଧାନସଭାରେ କହିଛନ୍ତି।

*CTC*

## ଓଡ଼ିଶା ହାଇକୋର୍ଟ– ମୁଖ୍ୟ ବିଚାରପତି

ଓଡ଼ିଶା ହାଇକୋର୍ଟର ନୂତନ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ ହରିସ ଟଣ୍ଡନ ଆସନ୍ତା ବୁଧବାର ଦିନ ଶପଥ ନେବେ। ପୂର୍ବାହ୍ନ ୧୦ଟାରେ ହାଇକୋର୍ଟ ପରିସରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପଟି' ବିଚାରପତି ହରିଶ ଟଣ୍ଡନଙ୍କୁ ମୁଖ୍ୟ ବିଚାରପତି ଭାବେ ଶପଥ ପାଠ କରାଇବେ। ଜଷ୍ଟିସ ହରିଶ ଟଣ୍ଡନ ବର୍ତ୍ତମାନ କଲିକତା ହାଇକୋର୍ଟର ବିଚାରପତି ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଗତ ୬ ତାରିଖରେ ସୁପ୍ରିମକୋର୍ଟ କଲେଜିୟମ ଜଷ୍ଟିସ ହରିସ୍ ଟଣ୍ଡନଙ୍କୁ ଓଡ଼ିଶା

ହାଇକୋର୍ଟର ମୁଖ୍ୟ ବିଚାରପତିଭାବେ ନିଯୁକ୍ତ କରିବାକୁ ସୁପାରିସ କରିଥିଲେ ।

*Ganjam/ BHK/Desk*

# ବିଶ୍ୱ ଯକ୍ଷ୍ମା ଦିବସ

ଯକ୍ଷ୍ମାରୋଗର ପ୍ରଭାବ ବିଷୟରେ ଲୋକଙ୍କୁ ସଚେତନ କରାଇବା ଏବଂ ଏହାର ସାମାଜିକ ଓ ଅର୍ଥନୈତିକ ପରିଣାମ ବିଷୟରେ ସଚେତନତା ସୃଷ୍ଟି କରିବା ସହ ଏହାର ମୁକାବିଲା ପାଇଁ ପ୍ରୟାସକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ଯକ୍ଷ୍ମାଦିବସ ପାଳନ କରାଯାଉଚଛି । ଡକ୍ଟର ରବର୍ଟ କୋଚ୍‌ଙ୍କ ଦ୍ୱାରା ୧୮୮୨ ମସିହାରେ ଯକ୍ଷ୍ମା ଭୂତାଣୁ ଆବିଷ୍କାରର ଆଜି ବାର୍ଷିକୀ ପାଳନ କରାଯାଉଛି । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ଆମେ ଯକ୍ଷ୍ମାକୁ ମୂଳୋତ୍ପାଟନ କରିପାରିବା ଓ ଏଥିପାଇଁ ପ୍ରତିଶ୍ରୁତିବଦ୍ଧ ହୋଇପାରିବା'

ଏହିକ୍ରମରେ ଓଡ଼ିଶାକୁ ଚଳିତବର୍ଷ ସୁଦ୍ଧା ଯକ୍ଷ୍ମାମୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି । ରାଜ୍ୟର ୬ହଜାର ୭୯୪ଟି ଗ୍ରାମ ପଞ୍ଚାୟତକୁ ଯକ୍ଷ୍ମାମୁକ୍ତ କରିବା ଲାଗି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ୨୦୨୨ ମସିହାରେ ୧ଲକ୍ଷ ଲୋକଙ୍କ ମଧ୍ୟରୁ ୫୬୮ଜଣ ଯକ୍ଷ୍ମା ସଂକ୍ରମିତ ହୋଇଥିବାବେଳେ ଗତବର୍ଷସୁଦ୍ଧା ଏହି ସଂଖ୍ୟା ୪୨୮କୁ ହ୍ରାସ ପାଇଛି । ଯକ୍ଷ୍ମାଜନିତ ମୃତ୍ୟୁହାର ମଧ୍ୟ ୪ ପ୍ରତିଶତକୁ ହ୍ରାସ ପାଇଥିବା ଜଣାପଡିଛି । ନିକ୍ଷୟ

ପୋଷଣ ଯୋଜନାରେ ଯକ୍ଷ୍ମା ରୋଗୀମାନଙ୍କୁ ପୁଷ୍ଟିକର ଆହାର ନିମନ୍ତେ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ପ୍ରାୟ ସମସ୍ତ ହସ୍ପିଟାଲରେ ଟ୍ରୁନାଟ୍ ମେସିନ୍‌ରେ ଯକ୍ଷ୍ମା ପରୀକ୍ଷା କରାଯାଇ ସଂକ୍ରମିତଙ୍କୁ ମାଗଣା ଔଷଧ ଦିଆଯାଉଛି ।

ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯକ୍ଷ୍ମା ବିଭାଗର ବିଶେଷଜ୍ଞମାନେ ଯୋଗଦେଇ ଜିଲ୍ଲାରେ ଥିବା ଯକ୍ଷ୍ମାରୋଗୀଙ୍କୁ ବିନାମୂଲ୍ୟରେ ଔଷଧ ଯୋଗାଇ ଦିଆଯାଉଥିବା କହିଛନ୍ତି।

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରସ୍ଥିତ ଏମ୍.କେ.ସି.ଜି. ମେଡିକାଲ କଲେଜରେ ଯକ୍ଷ୍ମା ରୋଗ ବିଭାଗ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

***Boudh***

## ମୁଖ୍ୟମନ୍ତ୍ରୀ- ନିମନ୍ତ୍ରଣ ପତ୍ର

ରାଜ୍ୟରେ ନୂତନ ଶିକ୍ଷାନୀତି ଲାଗୁ ହେବା ପରେ ଶିକ୍ଷା ବିଭାଗ ପକ୍ଷରୁ ଶିଶୁ ବାଟିକା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ନିମନ୍ତ୍ରଣପତ୍ର’ ୫ ବର୍ଷରୁ ଉର୍ଦ୍ଧ୍ୱ ବୟସ ଶିଶୁମାନଙ୍କ ଅଭିଭାବକମାନଙ୍କୁ ଶିକ୍ଷକ ଓ ଶିକ୍ଷା ବିଭାଗର ଅଧିକାରୀମାନେ ସ୍କୁଲରେ ପ୍ରବେଶ ଉତ୍ସବକୁ ନିମନ୍ତ୍ରଣ କରୁଛନ୍ତି। ଏହି ପ୍ରବେଶ ଉତ୍ସବ ଆସନ୍ତା ମାସ ୨ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଚାଲିବ।

*Desk*

## ବି.ଏଡ୍. ନାମଲେଖା

ଦୁଇ ବର୍ଷିଆ ବି.ଏଡ୍, ଏମ୍.ଏଡ୍, ବି.ଏଚ୍.ଏଡ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ନିମନ୍ତେ ଆଜିଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ଏପ୍ରିଲ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଆବେଦନପତ୍ରରେ କୌଣସି ଭୁଲ୍ ଥିଲେ ଆବେଦନକାରୀ ଏପ୍ରିଲ ୧୧ ତାରିଖରେ ସଂଶୋଧନ କରିପାରିବେ। ଆସନ୍ତା ମଇ ମାସ ୨୩ ତାରିଖରେ ଆଡମିଟ୍ କାର୍ଡ ପ୍ରକାଶ ପାଇବା ପରେ ବି.ଏଡ୍., ଓ ବି.ଏଚ୍.ଏଡ୍ ପାଇଁ ଜୁନ୍ ୧ ତାରିଖରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ସେହିପରି ଏମ୍.ଏଡ୍. ପାଇଁ ଜୁନ୍ ୪ ତାରିଖରେ ପରୀକ୍ଷା ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

*Desk*

## ପ୍ଲାଷ୍ଟିକ ନିଷେଧ

ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ପୀଠରେ ଆଜିଠାରୁ ପ୍ଲାଷ୍ଟିକ ବ୍ୟବହାରକୁ ନିଷେଧ କରାଯାଇଛି। ମା'ଙ୍କ ପୂଜା ପାଇଁ ଭୋଗ ଓ ନଡ଼ିଆକୁ କାଗଜ ଠୁଙ୍ଗାରେ ଆଣିବା ସହିତ ଧୂପକାଠିକୁ ଖୋଲାରେ ଆଣିବା ପାଇଁ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଶ୍ରଦ୍ଧାଳୁମାଙ୍କୁ ନିବେଦନ କରାଯାଇଛି।

*Boudh*

## ସାକ୍ଷରତା ପରୀକ୍ଷା

ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଆନୁକୂଲ୍ୟରେ ବୌଦ୍ଧ ଜିଲ୍ଲାର ତିନୋଟି ବ୍ଲକର ୬୦ଟି ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ୬୧୮ଟି ପରୀକ୍ଷାକେନ୍ଦ୍ରରେ ୫ ହଜାର ୪୫ ଜଣ ନବସାକ୍ଷର ପରୀକ୍ଷାର୍ଥୀଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀମାନେ ଆଗାମୀ ଦିନରେ ସମସ୍ତଙ୍କୁ ସାକ୍ଷର ହେବା ଦିଗରେ ସଚେତନତା ବାର୍ତ୍ତା ଦେଇଥିଲେ।

*Degoarh*

## ଅଭିଯୋଗ ଶୁଣାଣି ଶିବିର

ଦେବଗଡ଼ ଜିଲ୍ଲାର ବାରକୋଟ ବ୍ଲକ ରମ୍ଭେଇ ଗ୍ରାମ ପଞ୍ଚାୟତରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ୩୪ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

*Desk*

# ବିଶ୍ୱ ଉପଭୋକ୍ତା ଅଧିକାର ଦିବସ

ଆଜି ବିଶ୍ୱ ଉପଭୋକ୍ତା ଅଧିକାର ଦିବସ । ଉପଭୋକ୍ତାଙ୍କ ପାଇଁ ସ୍ଥାୟୀ ଏବଂ ସୁସ୍ଥ ଜୀବନଶୈଳୀ ଉପଲବ୍ଧ କରାଇବା ପାଇଁ ଜରୁରୀ ଆବଶ୍ୟକତାକୁ ବଜାୟ ରଖିବା ଉଦ୍ଦେଶ୍ୟରେ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳନ କରାଯାଇଥାଏ । ଏହି ଦିବସରେ ଉପଭୋକ୍ତାଙ୍କ ପସନ୍ଦକୁ ସମ୍ମାନ ଦେବା ଏବଂ ମୌଳିକ ଅଧିକାରଗୁଡ଼ିକୁ ସୁରକ୍ଷିତ ରଖିବା ନିମନ୍ତେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଉଛି । ୧୯୮୩ ମସିହାରେ ପ୍ରଥମେ ଏହି ଦିବସ ପାଳନ ଆରମ୍ଭ ହୋଇଥିଲା । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ସ୍ଥାୟୀ ଜୀବନଶୈଳୀ କ୍ଷେତ୍ରରେ ନ୍ୟାୟପୂର୍ଣ୍ଣ ପରିବର୍ତ୍ତନ' । ଦେଶରେ ୨୦୨୪-୨୫ ଆର୍ଥିକ ବର୍ଷରେ ବିଭିନ୍ନ କେନ୍ଦ୍ରୀୟ ଓ ରାଜ୍ୟସ୍ତରୀୟ ଉପଭୋକ୍ତା ଅଧିକାର ସମ୍ପର୍କିତ ସଂସ୍ଥାଗୁଡ଼ିକୁ ସୁଦୃଢ଼ କରିବା ଲାଗି ୩୨ ଦଶମିକ ୬/୮ କୋଟିରୁ ଅଧିକ ଟଙ୍କା ବ୍ୟୟବରାଦ କରାଯାଇଥିଲା । ଇ-ଦାଖଲ ପୋର୍ଟାଲ ଜରିଆରେ ଉପଭୋକ୍ତାମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ସରକାରଙ୍କ ପକ୍ଷରୁ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପଭୋକ୍ତା ସୁରକ୍ଷା ଆନ୍ଦୋଳନକୁ ଅଧିକ ସକ୍ରିୟ କରିବା ପାଇଁ ଏହି ଦିବସ ଅବସରରେ ଆହ୍ୱାନ ଦେଇଛନ୍ତି ।